# OFFICE OF *THE URANIUM*, Friends' Colony, Cuttack

From:

**Dr. S. S. Tripathy**,
President, *UTSE Board, The Uranium*
Friends Colony,
Cuttack-753001

(phone-9437226340 / 9853824822 / 0671-2427385)

*Dt. 03.03.2018*

---

## ୭/୮/୯ମ ଉର୍ତ୍ତୀର୍ଣ୍ଣ ପିଲା ପାଇଁ (Top 80+ of UTSE-2018)

## (CALL LETTER FOR FINAL LEVEL TEST & PRIZE CEREMONY)

To

Name ________________________________________

UTSE-2018 Roll No__________________ / CLASS _________

ବିଷୟ : ଶେଷ ପର୍ଯ୍ୟାୟ ୟୁ.ଟି.ଏସ୍.ଇ ପରୀକ୍ଷା ଏବଂ ପୁରସ୍କାର ବିତରଣୀ ଉତ୍ସବରେ ଯୋଗ ଦେବା ପାଇଁ ଆମନ୍ତ୍ରଣ

<u>ସ୍ଥାନ : ୟୁରାନିୟମ୍ ସେଣ୍ଟର, ଫ୍ରେଣ୍ଡସ୍ କଲୋନୀ, କଟକ</u>

7 April, 2018(Saturday) : Class VII pass-out

8 April 2018(Sunday) : Class VIII pass-out

9 April 2018(Monday) : Class IX pass-out

ଶ୍ରଦ୍ଧେୟ ______

ଅତ୍ୟନ୍ତ ଖୁସିର ସହିତ ତୁମକୁ ଜଣାଉଛୁ ଯେ ତୁମେ ଗତ ଫେବୃଆରୀ ୪ ତାରିଖରେ ହୋଇଥିବା ରାଜ୍ୟ ବ୍ୟାପି ୟୁରାନିୟମ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା(ୟୁ.ଟି.ଏସ୍.ଇ)-୨୦୧୮ ର **ପ୍ରଥମ ୮୦+** ଜଣ କୃତୀ ଛାତ୍ରଛାତ୍ରୀ ମଧ୍ୟରେ ସ୍ଥାନ ଅଧିକାର କରିଅଛ । ସେଥିପାଇଁ ତୁମକୁ ଉପରୋକ୍ତ ତାରିଖରେ **ୟୁରାନିୟମ୍ ସେଣ୍ଟର, ଫ୍ରେଣ୍ଡସ୍ କଲୋନୀ, କଟକ**ରେ ଅନୁଷ୍ଠିତ ହେବାକୁ ଥିବା ଏହାର ଶେଷ ପର୍ଯ୍ୟାୟ ପରୀକ୍ଷା ଏବଂ ପୁରସ୍କାର ବିତରଣୀ ଉତ୍ସବରେ ଯୋଗ ଦେବାପାଇଁ ଏହି ଚିଠି ମାଧ୍ୟମରେ ଆମନ୍ତ୍ରଣ କରାଯାଉଛି ।

<u>ବି.ଦ୍ର:</u> ୟୁ.ଟି.ଏସ୍.ଇ ବୋର୍ଡ଼ର ନୂଆ ନିୟମ ଅନୁଯାୟୀ ନୂଆ ସେଣ୍ଟରରେ ପରୀକ୍ଷା ଦେଇଥିବା ପିଲାଙ୍କ ମଧ୍ୟରୁ ସର୍ବାଧିକ ଶ୍ରେଣୀ ପିଛା ୩ ଜଣ ଓ ପୁରୁଣା ସେଣ୍ଟର ଯିଏ ଭଲ ପରଫରମାନସ୍ ଦେଉଛନ୍ତି ସେହି ସେଣ୍ଟରମାନଙ୍କରୁ ସର୍ବାଧିକ ୮ ଜଣ କୃତି ପିଲାଙ୍କୁ ଶେଷ ପର୍ଯ୍ୟାୟ ପରୀକ୍ଷା ଦେବା ପାଇଁ ଆମନ୍ତ୍ରଣ କରାଯାଇଛି । ଫଳରେ କେତେକ କୃତି ପିଲା ଶେଷ ପରୀକ୍ଷା ଦେବାରୁ ବାଦ ପଡ଼ିଛନ୍ତି । ରାଜ୍ୟର ଅଧିକ ସଂଖ୍ୟକ ସ୍କୁଲର କୃତି ପିଲାଙ୍କୁ ଶେଷ ପର୍ଯ୍ୟାୟ ପରୀକ୍ଷାରେ ଅଂଶ ଗ୍ରହଣ କରିବାର ସୁଯୋଗ ଦେବା ପାଇଁ ଏହି ନୂଆ ନିୟମ କରାଯାଇଛି । ବାଦ ପଡ଼ିଥିବା କୃତି ପିଲାମାନେ ସିଧାସଳଖ ଛୁଟିରେ ହେବାକୁ ଥିବା ପ୍ରଥମ କ୍ୟାମ୍ପ ବା କର୍ମଶାଳାରେ ଯୋଗଦେବାକୁ ଅନୁମତି ଦିଆଯିବାର ବ୍ୟବସ୍ଥା ରହିଛି । କ୍ୟାମ୍ପରେ ସେମାନଙ୍କର କୃତିତ୍ୱ ଦେଖାଇଲେ, ସେମାନଙ୍କୁ ସ୍ୱତନ୍ତ୍ର ଟ୍ରଫି ଓ ମାନପତ୍ର ପ୍ରଦାନ କରାଯିବ ।

<u>**Tie Breaking**</u>: ଶେଷ ପର୍ଯ୍ୟାୟ ପରୀକ୍ଷାରେ ଏକାଧିକ ପିଲାଙ୍କର ସମାନ ମାର୍କ ରହିଲେ, ପ୍ରଥମ ପର୍ଯ୍ୟାୟ ପରୀକ୍ଷାର ମାର୍କ ଅନୁଯାଇ ଟାଇ ବ୍ରେକ୍ କରାଯିବ ।

<u>**ଶେଷ ପର୍ଯ୍ୟାୟ ପରୀକ୍ଷାରେ କେଉଁ ବିଷୟରୁ ପ୍ରଶ୍ନ ପଚରାଯିବ ?**</u> । ଯେଉଁ ଶ୍ରେଣୀରେ ତୁମେ ୟୁ.ଟି.ଏସ.ଇ ପରୀକ୍ଷା ଦେଇଥିଲ ସେହି ଶ୍ରେଣୀର ବିଜ୍ଞାନ ବହିରୁ ୩୦ଟି ନିମ୍ନ ବିଷୟ ଭିତରୁ MCQ ପ୍ରଶ୍ନ ପଚାରଯିବ ।

<u>୭ମ ଉତ୍ତୀର୍ଣ୍ଣ (୮ମ ଶ୍ରେଣୀ)</u> : ୭ମ ଶ୍ରେଣୀ ବିଜ୍ଞାନ ବହି (1) ୧ମ ଅଧ୍ୟାୟ(ପଦାର୍ଥ) (2) ୨ୟ ଅଧ୍ୟାୟ(ଭୌତିକ ଓ ରାସାୟନିକ ପରିବର୍ତ୍ତନ) (3) ୩ୟ ଅଧ୍ୟାୟ : ଅମ୍ଳ, କ୍ଷାରକ ଓ ଲବଣ; (4) ୬ଷ୍ଠ ଅଧ୍ୟାୟ : ତାପ ଓ ତାପ ସଂଚରଣ; (5) ୧୧ଶ ଅଧ୍ୟାୟ : ଗତି ଓ ସମୟ; (6) ୧୨ଶ ଅଧ୍ୟାୟ : ବିଦ୍ୟୁତ୍ ସ୍ରୋତ ଓ ଏହାର ପ୍ରଭାବ; (7) ୧୩ଶ ଅଧ୍ୟାୟ: କେତୋଟି ପ୍ରାକୃତିକ ଘଟଣା; (8) ୧୪ଶ ଅଧ୍ୟାୟ: ଆଲୋକ

୮ମ ଉତ୍ତୀର୍ଣ୍ଣ (୯ମ ଶ୍ରେଣୀ) : ୮ମ ଶ୍ରେଣୀ ଭୌତିକ ବିଜ୍ଞାନ ବହି (1) ୩ୟ ଅଧ୍ୟାୟ : ସଂଶ୍ଳେଷିତ ତନ୍ତୁ ଓ ପ୍ଲାଷ୍ଟିକ; (1) ୪ର୍ଥ ଅଧ୍ୟାୟ: ଧାତୁ ଓ ଅଧାତୁ; (3) ୫ମ ଅଧ୍ୟାୟ: କୋଇଲା ଓ ପେଟ୍ରୋଲିୟମ୍; (4) ୬ଷ୍ଠ ଅଧ୍ୟାୟ: ଦହନ ଓ ଶିଖା; (5) ୧୧ଶ ଅଧ୍ୟାୟ: ବଳ ଓ ଚାପ; (6) ୧୨ଶ ଅଧ୍ୟାୟ: ଘର୍ଷଣ; (7) ୧୩ଶ ଅଧ୍ୟାୟ: ଧ୍ୱନି; (8)୧୪ଶ ଅଧ୍ୟାୟ: ବିଦ୍ୟୁତ୍ ସ୍ରୋତର ରାସାୟନିକ ପ୍ରଭାବ; (9) ୧୫ଶ ଅଧ୍ୟାୟ: କେତୋଟି ପ୍ରାକୃତିକ ଘଟଣା; (10) ୧୬ଶ ଅଧ୍ୟାୟ: ଆଲୋକ

୯ମ ଉତ୍ତୀର୍ଣ୍ଣ (୧୦ମ ଶ୍ରେଣୀ) : ୯ ଶ୍ରେଣୀ ଭୌତିକ ବିଜ୍ଞାନ ବହିର ସମସ୍ତ ବିଷୟ

ଶେଷ ପର୍ଯ୍ୟାୟ ପରୀକ୍ଷା ଦିନ ୧୧.୦୦ ମିନିଟରୁ ଆରମ୍ଭ ହୋଇ ୧୧.୪୦ ଟାରେ ଶେଷ (୪୦ ମିନିଟ୍ ଅବଧି) ହେବ । ଏହାର ଫଳାଫଳ ସେହି ଦିନ ୧୨.୩୦ ମିନିଟ୍‌ରେ ବିତରଣୀ ଉତ୍ସବରେ ଘୋଷିତ ହେବ । ସେହି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପ୍ରଥମ ୨୦ ଜଣଙ୍କୁ ସେହିଦିନ ଯଥାକ୍ରମେ ଏପ୍ରିଲ୍ ୭(ସପ୍ତମ ଶ୍ରେଣୀ ଉତ୍ତୀର୍ଣ୍ଣ) , ୮(ଅଷ୍ଟମ ଶ୍ରେଣୀ ଉତ୍ତୀର୍ଣ୍ଣ) ଏବଂ ୯ (ନବମ ଶ୍ରେଣୀ ଉତ୍ତୀର୍ଣ୍ଣ) ୧୨.୩୦ ମିନିଟରେ ରେ ହେବାକୁ ଥିବା ପୁରସ୍କାର ବିତରଣୀ ଉତ୍ସବରେ ସମ୍ମାନିତ କରାଯିବ । ଏଥିରେ ସ୍ଥାନ ପାଇଥିବା ପ୍ରଥମ ୨୦ ଜଣ ପିଲାଙ୍କୁ ଟ୍ରଫି ଏବଂ ମାନପତ୍ର ପ୍ରଦାନ କରାଯିବ । ଟ୍ରଫି ସହିତ ପ୍ରଥମ ୩ ଜଣଙ୍କୁ ନଗଦ ଅର୍ଥ (**୭ମ ଶ୍ରେଣୀ** : ୧ମ - ୩୦୦୦/-, ୨ୟ-୨୦୦୦/ ,୩ୟ - ୧୦୦୦/-ଟଙ୍କା, **୮ମ ଓ ୯ମ ଉତ୍ତୀର୍ଣ୍ଣ ପିଲା**: ୧ମ: **୪୦୦୦/-**, ୨ୟ: **୩୦୦୦/-**, ୩ୟ: **୨୦୦୦/-**ଟଙ୍କା ପ୍ରଦାନ କରାଯିବ ଏବଂ ୪ର୍ଥରୁ ୨୦ତମ ସ୍ଥାନ ଅଧିକାର କରିଥିବା ପିଲାଙ୍କୁ କେବଳ ଟ୍ରଫି ଏବଂ ସାର୍ଟିଫିକେଟ୍ ପ୍ରଦାନ କରାଯିବ । ଶେଷ ପର୍ଯ୍ୟାୟରେ ଭାଗ ନେଇଥିବା ଏବଂ କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ସେହି ଉତ୍ସବରେ ସ୍ୱତନ୍ତ୍ର ମେରିଟ ସାର୍ଟିଫିକେଟ୍ (ର୍‍ୟାଙ୍କ ସହିତ) ପ୍ରଦାନ କରାଯିବ । ଅର୍ଥ ପୁରସ୍କାର ଗୋଟିଏ ସ୍କୁଲରୁ ଗୋଟିଏ ପିଲାକୁ ମିଳିବ । ପୁରସ୍କାର ବିତରଣୀ ଉତ୍ସବ ୧୨.୩୦ରେ ଆରମ୍ଭ ହୋଇ ଅପରାହ୍ନ ୧.୩୦ରେ ସମାପନ ହେବାର କାର୍ଯ୍ୟକ୍ରମ ରହିଛି । ୯ମ ଶ୍ରେଣୀ ଉତ୍ତୀର୍ଣ୍ଣ ପ୍ରଥମ ପିଲାକୁ ରାଜ୍ୟପାଳଙ୍କ ରନିଂ କପ ମଧ୍ୟ ପ୍ରଦାନ କରାଯିବ ।

ଏପ୍ରିଲ୍ ୭ ତାରିଖ(ସପ୍ତମ ଉତ୍ତୀର୍ଣ୍ଣ ପିଲା), ୮ ତାରିଖ(ଅଷ୍ଟମ ଉତ୍ତୀର୍ଣ୍ଣ ପିଲା) , ୯ ତାରିଖ(ନବମ ଉତ୍ତୀର୍ଣ୍ଣ ପିଲା) ସକାଳ ୧୦.୦୦ ସୁଦ୍ଧା ୟୁରାନିୟମ ସେଣ୍ଟରରେ ପିଲାଙ୍କୁ ପହଞ୍ଚିବାକୁ ହେବ । ଯେଉଁମାନେ ରାତି ଗାଡ଼ିରେ ସକାଳୁ ପହଞ୍ଚିବେ ସେମାନଙ୍କୁ ଶୌଚ ଆଦି ନିତ୍ୟକର୍ମ କରିବାର ସୁବିଧା ଆମ ସେଣ୍ଟରରେ ଯୋଗାଇଦିଆଯିବ ।

**ପିଲା ସାଙ୍ଗରେ କଣ ଆଣିବେ** ? ପ୍ରଥମ ପର୍ଯ୍ୟାୟ ପରୀକ୍ଷାରେ ମିଳିଥିବା ଆଡ଼ମିଟ୍ କାର୍ଡ଼ ସହିତ ବଲ ପଏଣ୍ଟ ପେନ୍, ଏଚ୍. ବି ପେନସିଲ, ପେନସିଲ କଟର, ପିଚ୍ ବୋର୍ଡ଼(ପ୍ଲାଷ୍ଟିକ କିମ୍ବା କାଠ ବୋର୍ଡ଼), ଭଲ ମାନର ରବର, ଏହି କଲ୍ ଲେଟର ଏବଂ ପ୍ଲାଷ୍ଟିକ ପାଣି ବୋତଲ ସାଙ୍ଗରେ ନେଇ ଆସିବା ଆବଶ୍ୟକ । କଲ୍ ଲେଟର ନପାଇଲେ, ଏହି କଲ ଲେଟରକୁ ଆମ ୱେବ୍‌ସାଇଟ୍‌ରୁ ଡ଼ାଉନ୍‌ଲୋଡ୍ କରି ତାହାର ପ୍ରିଣ୍ଟ-ଆଉଟ ନେଇ ସେଥିରେ ନିଜର ନାମ, ରୋଲ ନମ୍ବର ଓ କ୍ଲାସ୍(ଯେଉଁ କ୍ଲାସରେ ପରୀକ୍ଷା ଦେଇଥିଲ) ଲେଖି ନେଇ ଆସିବାକୁ ହେବ କାରଣ କଲ୍ ଲେଟର ଡ଼ାକରେ ଦ୍ୱିତୀୟ ଥର ପଠାହେବ ନାହିଁ । ଆଡ଼ମିଟ କାର୍ଡ଼ ହଜି ଯାଇଥିଲେ, ତୁମ ରୋଲ ନମ୍ବର ଆମ ସେଣ୍ଟରରୁ ପାଇପାରିବ । ପିଲାମାନେ ନିଜ ସ୍କୁଲର ୟୁନିଫର୍ମ ପିନ୍ଧି ଆସିବା ଆବଶ୍ୟକ ।

**ରେଜିଷ୍ଟ୍ରସନ୍ : ଏହି ଶିବିରରେ ଯୋଗ ଦେବାକୁ ପିଲାଙ୍କୁ କୌଣସି ରେଜିଷ୍ଟ୍ରେସନ ଫିସ୍ ପଡ଼ିବ ନାହିଁ**

ପିଲା ନିଜର ଅଭିଭାବକ ସହିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ବାଧ୍ୟତାମୂଳକ । ଅଭିଭାବକମାନଙ୍କର ଆମ ସେଣ୍ଟରରେ ଅପେକ୍ଷା କରିବା ପାଇଁ ବ୍ୟବସ୍ଥା କରାଯିବ । ପିଲା ଓ ତାଙ୍କ ଅଭିଭାବକଙ୍କ ସୁବିଧା ପାଇଁ ଆମ ସେଣ୍ଟରରେ ଦ୍ୱିପହର ଭୋଜନ ବ୍ୟବସ୍ଥା କରାଯିବ । ସେଥିପାଇଁ ଜଣ ପିଛା ୭୫ଟଙ୍କା(ଜଣେ ପିଲା ଓ ତାର ଅଭିଭାବକଙ୍କ ପାଇଁ ମୋଟ ୧୫୦ ଟଙ୍କା) ରେଜିଷ୍ଟ୍ରେସନ ସମୟରେ ପଇଠ କରିବାକୁ ହେବ । ସେ କ୍ଷେତ୍ରରେ ଅଭିଭାବକ ଆଗରୁ ଆମକୁ ଜଣାଇବାକୁ ହେବ । ଦ୍ୱିପହର ଭୋଜନ ଆମ ସେଣ୍ଟରରେ କରିବା ବାଧ୍ୟତାମୂଳକ ନୁହେଁ । ସକାଳ ଜଳଖିଆ ବ୍ୟବସ୍ଥା ଏଠାରେ ହେବାର ନାହିଁ । ଦିନ ୧.୩୦ ମିନିଟ୍ ସୁଦ୍ଧା ପୁରସ୍କାର ବିତରଣୀ ଉତ୍ସବ ଶେଷ ହେବାର କାର୍ଯ୍ୟକ୍ରମ ରହିଛି ।

**ଗସ୍ତ ଖର୍ଚ୍ଚ :**

ଶେଷ ପର୍ଯ୍ୟାୟ ପରୀକ୍ଷାରେ ଯୋଗ ଦେବାପାଇଁ କାହାକୁ ଗସ୍ତ ଖର୍ଚ୍ଚ ଦିଆଯିବ ନାହିଁ । ସେହି ଖର୍ଚ୍ଚ ପିଲାମାନଙ୍କ ଅଭିଭାବକମାନଙ୍କୁ ବହନ କରିବାକୁ ହେବ । କେବଳ ଆର୍ଥିକ ଦୁର୍ବଳ ଶ୍ରେଣୀର ପିଲା(ବି.ପି.ଏଲ)ଙ୍କୁ ଏହି ଖର୍ଚ୍ଚ ମିଳିବ ଯଦି ସେମାନେ ଏହି ଶେଷ ପର୍ଯ୍ୟାୟ ପରୀକ୍ଷାରେ ପ୍ରଥମ ୨୦ ଜଣଙ୍କ ମଧ୍ୟରେ ରହିବେ । ସେମାନଙ୍କୁ ମଧ୍ୟ ଦ୍ୱିପହର ଭୋଜନ ବ୍ୟବସ୍ଥା ନିଶୁଳ୍କ କରାଯିବ ।

**ପୁସ୍ତକ ପ୍ରଦର୍ଶନୀ** : ଓଡ଼ିଆରେ ଲେଖାଯାଇଥିବା କେତେକ ଆବଶ୍ୟକ ବିଜ୍ଞାନ ରେଫରେନ୍ସ ବହି କର୍ମଶାଳାରେ ପ୍ରଦର୍ଶିତ ହେବ । ପିଲାମାନେ ଚାହିଁଲେ ତାହା ସୁଲଭ ମୂଲ୍ୟରେ କିଣିପାରିବେ । ସେଥିପାଇଁ ସେମାନଙ୍କୁ ସର୍ବାଧିକ ୩୦୦/- ସାଙ୍ଗରେ ଆଣିବାକୁ ପଡ଼ିବ । ବହି କିଣିବା ବାଧ୍ୟତାମୂଳକ ନୁହେଁ ।

**ବିଜ୍ଞାନ ଶିବିର କାର୍ଯ୍ୟକ୍ରମ**: ଏହି ଶେଷ ପରୀକ୍ଷାର ୮ମ ଉତ୍ତୀର୍ଣ୍ଣ(ଏବେ ୯ମ ଶ୍ରେଣୀ) ସର୍ବାଧିକ ପ୍ରଥମ ୨୦ - ୩୦(କଟ ଅଫ ମାର୍କ ଉପରକୁ ଯଦି ରହେ) ଜଣଙ୍କୁ ୨୦୧୮ ଗ୍ରୀଷ୍ମ/ପୂଜା ଛୁଟିରେ ହେବାକୁ ଥିବା ବିଜ୍ଞାନ ଶିବିରକୁ ଆମନ୍ତ୍ରଣ କରାଯିବ । ଏହାର ସବିଶେଷ ବିବରଣୀ ବଛାଯାଇଥିବା ପିଲାଙ୍କୁ ପରେ ଜଣାଇଦିଆଯିବ ।

**ଶେଷ ପର୍ଯ୍ୟାୟ ପରୀକ୍ଷାରେ ଯୋଗଦେବା ପାଇଁ ସମ୍ମତି :**

ଶେଷ ପର୍ଯ୍ୟାୟ ୟୁ.ଟି.ଏସ୍.ଇ ପରୀକ୍ଷା ଓ ପୁରସ୍କାର ବିତରଣୀ ଉତ୍ସବରେ ଯୋଗ ଦେବା ପାଇଁ ମନୋନିତ ପିଲାଙ୍କ ଅଭିଭାବକ ଆମ ଅଫିସକୁ ତାଙ୍କର ସମ୍ମତି ୨୬.୩. ୨୦୧୮ ସୁଦ୍ଧା କେବଳ **SMS** କିମ୍ବା ଇମେଲ୍ ଜରିଆରେ ଜଣାଇବେ । SMS/EMAIL ରେ ଲେଖିବେ : " ----------(Roll No); -------- (name); --------(class) participating Final Test" । ଦ୍ୱିପହର ଭୋଜନ ଏଠାରେ ନେବାର ଥିଲେ, ଆହୁରି ଲେଖିବେ " ___ persons( 1 or 2) will take the lunch at your centre" । ସମ୍ମତି ନଜଣାଇବା ପିଲାଙ୍କୁ ଏଥିରେ ଭାଗ ନେବାକୁ ଅନୁମତି ମିଳିବ ନାହିଁ । <u>ଏଥିରେ ଯୋଗ ନଦେଲେ, ପୁରସ୍କାର ଏବଂ ସ୍ୱତନ୍ତ୍ର ମାନପତ୍ର ପାଇବାରୁ ବଞ୍ଚିତ ହେବେ</u> । କେବଳ ପ୍ରଥମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାରୁ ୨୦୧୮ ସେପ୍ଟେମ୍ବର ମାସ ସୁଦ୍ଧା ଏକ ମେରିଟ ସାର୍ଟିଫିକେଟ, ଅନ୍ୟ ଯୋଗ୍ୟ ବିବେଚିତ ପିଲାଙ୍କ ଭଳି ସେମାନେ ସ୍କୁଲରୁ ପାଇବେ ।

**<u>ଆମ ଠିକଣା</u> :** Dr. S. S. Tripathy, President, UTSE Board, *The Uranium*, Friends Colony, P.O: Buxi Bazar, Cuttack-753001

**ଫୋନ ନମ୍ବର :** 9437226340 / 9853824822 / 0671-2427385

Email: theuraniumodisha@gmail.com

ତୁମର କୃତିତ୍ୱ ପାଇଁ ପୁଣି ଥରେ ତୁମକୁ ହାର୍ଦ୍ଦିକ ଶୁଭକାମନା (congratulations) ଜଣାଇ ଏବଂ ଶେଷ ପର୍ଯ୍ୟାୟ ପରୀକ୍ଷାରେ ଯୋଗ ଦେବା ଆଶା ରଖି, ଏ ଚିଠିଟି ଶେଷ କରୁଛି ।

ଇତି

ତୁମର ବିଶ୍ୱସ୍ତ



(S.S. Tripathy)

**<u>(ବିଶେଷ ସୂଚନା: ଏହି ଆମନ୍ତ୍ରଣ ପତ୍ରକୁ ସାଙ୍ଗରେ ଧରି ଆସିବା ଆବଶ୍ୟକ</u>**

**<u>ୟୁରାନିୟମ ଟ୍ରେନିଂ ସେଣ୍ଟରର ସଠିକ ଠିକଣା</u> : ବାଦାମବାଡ଼ି ବସ ଷ୍ଟାଣ୍ଡରୁ ରାଣିହାଟ ଯିବା ରାସ୍ତାରେ ବଜ୍ରକବାଟୀ ପୋଲ ପଡ଼ିବ । ଏହି ପୋଲକୁ ଅତିକ୍ରମ କରିବାର ଠିକ୍ ପରେ ବାମ ହାତି ନାଳ କଡ଼ରେ ଯାଉଥିବା ରାସ୍ତା(କେନାଲ ରୋଡ଼)ରେ ପ୍ରାୟ ୧୫୦ ମିଟର ଗଲେ ଡ଼ାହାଣ ପଟେ ଏକ ଶିବ ମନ୍ଦିର ପଡ଼ିବ । ମନ୍ଦିରକୁ ଲାଗିଥିବା ଡ଼ାହାଣପଟ ରାସ୍ତାରେ ଯିବ(ସିଧା ରାସ୍ତାକୁ ଛାଡ଼ିବ) । ଏହି ରାସ୍ତାକୁ ଫ୍ରେଣ୍ଡସ୍ କଲୋନୀ କୁହାଯାଏ । ଏହି ରାସ୍ତାରେ ଗଲେ ୩ୟ ଡ଼ାହାଣ ପଟ ଗଳିର ୩ୟ ଘରଟି ୟୁରାନିୟମ ଟ୍ରେନିଂ ସେଣ୍ଟର । ସେହି ଗଳିର ସାମ୍ନାରେ 'ଦି ୟୁରାନିୟମ' ର ଏବଂ** Dr. S.S. Tripathy **ସାଇନ ବୋର୍ଡ଼ ଦେଖିପାରିବେ । ଏହି ଗଳିଟି ଶ୍ୱେତା ହସପିଟାଲକୁ ଲାଗିକରି ଅବସ୍ଥିତ । ଯେଉଁମାନେ ରାଣୀହାଟ ପଟୁ ଆସିବେ, ସେମାନେ ବଜ୍ରକବାଟି ପୋଲକୁ ଲାଗି(ପୋଲ ପୂର୍ବରୁ) ଡ଼ାହାଣ ହାତି ରାସ୍ତାରେ ଗଲେ ଶିବ ମନ୍ଦିର ପଡ଼ିବ ।**

# Program :

Registration : 9.00 - 10.00 AM

Final Level Test : 11.00 am - 11.40 noon

Prize Giving Ceremony: 12.30 pm - 1.30 pm

Lunch : 2.00 pm